# Akashvani, Sambalpur

# SAMBALPURI NEWS MORNING BULLETIN

## 17 July 2026 - 6.47- 6.52 am.

---

ରଥ୍ଯାତ୍ରା      ଆର୍ଏନ୍ୟୁ ସମ୍ବଲପୁର୍

ଆଷାଢ଼ ମାସର୍ ଉଜଲ୍ ପଖର୍ ଦ୍ୱିତୀୟା ତିଥି ଅବ୍ସରେ ଗଲାକାଏଲ୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମୂଲ୍ ହେଉଛେ । ଶ୍ରୀକ୍ଷେତ୍ର ପୁରୀ ନ ମହାପୁରୁମାନ୍କର୍ ତିନ୍ହି ରଥ ବଡ଼ଦାଣ୍ଡର ଭିନ୍ ଭିନ୍ ଜାଗା ନ ଅଟ୍କି ରହିଛେ । ଆଏଜ୍ ସଖାଲ୍ବେଲା ରଥଘିଚା ଫେର୍ ଘାଏ ମୁଲ୍ ହେବା । ଗଲାକାଏଲ୍ ଉପରବେଲା ୫ ବାଜିକରି ୧୦ ମିନିଟ୍ଥି ରଥ ଘିଚା ମୁଲ୍ ହେଇଥିଲା । ଧାରିଜ୍ ସମିଆନୁ ଡେରିଥି ରଥ୍ ଘିଚା ମୁଲ୍ ହେଇଥିବାର୍ନୁ ତିନ୍ହି ରଥ ମାର୍କେଟ୍ ଛକ ଭିତ୍ରେ ହିଁ ରହିଯାଇଛନ୍ । ପହେଲା ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚା ହେବାର୍ ଉତ୍ରୁ ୬ ବାଜିକରି ୨୦ ମିନିଟ୍ଥି ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ୍ ରଥ ଘିଁଚା ମୁଲ୍ ହେଇଥିଲା । ଅନ୍ଧାର୍ ହେଇଥିବାର୍ନୁ

ଖାଲି ବିଧିରଖିବାର୍ ଲାଗି ନନ୍ଦିଘୋଷ ରଥକେ ହାତେ ଖସଁ୍ରେଇକରି ସିଂହଦୁଆର୍ ନ ଅଟ୍କେଇ ଦିଆଯାଇଛେ । ରାତିର୍ ୭ ବାଜିକରି ୨୫ ମିନିଟ୍ଥି ରଥିଘିଚା ଶେଷ୍ ଘୋଷ୍ନା କରାଯାଇଥିଲା । ଆଏଜ୍ ଉପର୍ବେଲାତକ୍ ତିନ୍ହି ରଥ ଗୁଣ୍ଡିଚା ମନ୍ଦିର୍ ପାଖେ ପୁହୁଁଚିବେ । ଇତାର୍ଉତ୍ରୁ ଆଏବା କାଏଲ୍ ମାହାପୁରୁମାନ୍କର୍ ଆଡ଼ପ ମଣ୍ଡପ ବିଜେ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ଅମୃତ୍ ଭାରତ୍ ଷ୍ଟେସନ୍ ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍ନାଥି ତିଆର୍ ହେଇଥିବା ଦେଶର୍ ୭୫ଟା ରେଲ୍ଷ୍ଟେସନ୍କେ ଲୋକାର୍ପଣ୍ କର୍ବେ । ଇଥି ଓଡ଼ିଶାର୍ ୭ ଟା ଷ୍ଟେସନ୍ ବଲାଙ୍ଗିର୍, ବର୍ପାଲି, କେସିଙ୍ଗା, ତାଲ୍ଚେର, ବାରିପଦା, ପାରଳାଖେମୁଣ୍ଡି ଆଉ ବିମଲଗଡ଼୍ ରେଲ୍ଷ୍ଟେସନ୍ ସାମିଲ୍ ଅଛେ ବଲି ପୂର୍ବତଟ ରେଲ୍ପଥ୍ ତର୍ଫୁ ସୂଚ୍ନା ମିଲିଛେ । ଅତ୍ୟାଧୁନିକ୍ ସୁବିଧା ସହେତେ ଇ ୭ ଟା ଯାକ ଷ୍ଟେସନ୍ର ନବକଳେବର୍ ଲାଗି ପାଖାପାଖି ଶହେ ୯ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ପ୍ରଧାନ୍ମନ୍ତ୍ରୀ ପଞ୍ଜାବ୍ର

ଜଲନ୍ଧର୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ଇ ଷ୍ଟେସନ୍ ମାନ୍‌କର୍ ଉଦ୍‌ଘାଟନ୍ କର୍‌ବେ ।

ସୁପ୍ରିମ୍‌କୋର୍ଟ- ତୃତୀୟ ଭାଷା        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧମିକ୍ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପାଠ୍ୟକ୍ରମ୍ ଅଧୀନ୍‌ଥି ୯ ଶ୍ରେଣୀଥି ୩ ନମ୍ବର୍ ଭାଷାର୍ ପାଠ୍‌ପଢ଼ାକେ ନେଇକରି ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ୍ କରିଛନ୍ । ଇଟା ଛାତ୍ରଛାତ୍ରୀମାନ୍‌କର୍ ଉପ୍‌ରେ ଅଏତ୍‌କା ଚାପ ପକାବା । ଇ ଭାଷା ୫ କି ୬ ଶ୍ରେଣୀନୁ ମୁଲ୍ ହେଇଥିଲେ ଛାତ୍ରଛାତ୍ରୀମାନେ ଇତାର୍‌ସହେତେ ପରିଚିତ ହେଇପାରିଥିତେ ବଲି ସୁପ୍ରିମ୍‌କୋର୍ଟ କହିଛନ୍ । ବିଚାର୍‌ପତି ଜଷ୍ଟିସ୍ ବି.ଭି. ନାଗରଥନ୍ ଆଉ ଜଷ୍ଟିସ୍ ଆର୍ ମହାଦେବନ୍‌ଙ୍କୁ ନେଇକରି ହେଇଥିବା ଖଣ୍ଡପୀଠ ୯ ଶ୍ରେଣୀ ପାଠ୍ୟକ୍ରମ୍‌ଥି ୩ ନମ୍ବର ଭାଷା ମୁଲ୍ ନାଇଁ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍‌ଙ୍କୁ ପରାମର୍ଶ ଦେଇଛନ୍ । ତାମିଲ୍‌ନାଡୁ ସର୍‌କାରଙ୍କର୍ ତର୍‌ଫୁ ଆଗତ୍ ଗୁଟେ ଆବେଦନ୍‌ର ଶୁଣାଣି କରିକରି ସୁପ୍ରିମ୍‌କୋର୍ଟ ଇ ମତାମତ୍ ଦେଇଛନ୍ ।

ନିଟ୍ ପରୀକ୍ଷାଫଲ୍ ବାହାର୍‌ଲା        ଏକ୍ସ

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ତର୍‌ଫୁ ଗଲାକାଏଲ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍- ୟୁଜି ୨୦୨୬ ପରୀକ୍ଷାଫଲ୍ ବାହାରିଛେ । ଇ ବଛର୍ ମୋଟ୍ ୧୧ ଲାଖ୍ ୨୧ ହଜାର୍ ପରୀକ୍ଷାର୍ଥୀ ପରୀକ୍ଷାଥି ପାସ୍ ହେଇଛନ୍ । ପାସ୍ ହେଇଥିବା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ୫୮ ପ୍ରତିଶତ୍ ଛାତ୍ରୀ ରହିଛନ୍ । ଇତାର୍‌ସହେତେ ଶହେ ୩୮ ଝନ୍ ଛାତ୍ରଛାତ୍ରୀ ୬ ଶହ ୯୦ ନୁ ଅଏତ୍‌କା ନମ୍ବର୍ ରଖିକରି ସର୍ବାଧିକ୍ ସ୍କୋର୍ କରିଛନ୍ । ପରୀକ୍ଷାର୍ଥୀମାନେ ନିଟ୍‌ର ୱେବ୍‌ସାଇଟ୍ neet.nta.nic.in ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ

କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ବିପର୍ଯ୍ୟୟ ପରିଚାଳନା କମିଟି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ସମ୍ମିଳନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ବିପର୍ଯ୍ୟୟ ପରିଚାଳନା ଆଇନ୍ -୨୦୦୫ ଅଧୀନ୍‌ଥି ଗଠିତ୍ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ବିପଦ୍ ପରିଚାଳନା ପାଣ୍ଠିର ସ୍ଥିତିକେ ଅନୁଧ୍ୟାନ୍ କରାଯାଇଥିଲା । ରାଏଜେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ ଆଉ ପ୍ରଭାବୀ କର୍‌ବାର୍‌କେ ଶ୍ରୀମତୀ ଗର୍ଗ ଜୋର୍ ଦେଇଛନ୍ । ଖାସ୍ କରି

ବିପର୍ଯ୍ୟୟ ଆଘର୍ ପ୍ରସ୍ତୁତି, ପ୍ରଶମନ ଆଉ ଗାଁ ଇଲାକା ନ ସ୍ୱେଚ୍ଛାସେବୀ ବାହିନୀ ଗଠନ୍, ଭୁବ୍‌ନେଶ୍ୱର୍ ଆଉ କଟକ୍ ସହରାଂଚଲ୍ ନ ଜଳ ନିଷ୍କାସନ୍ ପରିଚାଲନା ବାବ୍‌ଦେ ଆଲୋଚନା କରାଯାଇଥିଲା । ଜଙ୍ଗଲ୍ ନିଆଁ, ଚଡ଼କ୍‌ମରା, ସାଁପ୍‌ଚବା ଆଉ ଜବର୍ ଖରାର୍ ମୁକାବିଲା ଲାଗି ବ୍ୟାପକ୍ ସଚେତନତା କାର୍ଯ୍ୟକ୍ରମ୍ କରାଯିବା । ସୁରକ୍ଷିତ୍ ସଚେତନ୍ ଆଉ ବିପର୍ଯ୍ୟୟ ସହନ୍‌ଶୀଳ ଓଡ଼ିଶା ଗଠନ୍ ଦିଗେ ସମ୍‌କୁ ଏକ୍ ହେଇକରି କାମ୍ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ପରାମର୍ଶ ଦେଇଛନ୍ ।

ଚିତ୍ରକଳା ପ୍ରଦର୍ଶନୀ ‘ମଣିମା’ ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ରଥଯାତ୍ରା ଅବ୍‌ସରେ ସମ୍ବଲ୍‌ପୁର୍ ଗୌରୀଶଙ୍କର୍ ପାର୍କ ନ ଥିବା ଓଡ଼ିଶା ଲଳିତ୍ କଳା ଏକାଡେମୀ ଆଂଚଲିକ୍ ଆର୍ଟ ଗେଲେରୀ ଠାନେ ଓଡ଼ିଶାର୍ ବିଶିଷ୍ଟ କଳାକାର୍ ମାନ୍‌କର୍ ସମୂହ ଚିତ୍ରକଳା ପ୍ରଦର୍ଶନୀ ‘ମଣିମା’ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ପ୍ରଦର୍ଶନୀଥି ନାଁକରା କଳାକାର୍‌ମାନ୍‌କର୍ ଚିତ୍ରକୃତି ଠାନ୍ ପାଇଛେ । ଇ ପ୍ରଦର୍ଶନୀ ଆଏବା ୨୨ ତାରିଖ୍‌ତକ୍ ଚାଲ୍‌ବା । ଦର୍ଶକ୍‌ମାନ୍‌କର୍

ଲାଗି ଇ ପ୍ରଦର୍ଶନୀ ସଖାଲର୍ ୧୧ ବଜେନୁ ବେଲ୍‌ବୁଡ଼ାର ୭ ବଜେତକ୍ ଖୁଲା ରହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପଶ୍ଚିମବଙ୍ଗ ସମୁଦ୍ରଖଁଡ଼ି ପାଖାପାଖି ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍‌ଥି ପୁରୀ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା,ବର୍‌ଗଡ୍, ସୁବର୍ଣ୍ଣପୁର୍, ନୂଆପଡ଼ା ଆର୍ ବଲାଙ୍ଗିର ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।